# NATIONAL NEWS BULLETIN (ODIA)

## 5 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ସୁରତ ଓ ଦମନରେ  ଆଜି ୧୮ ହଜାର ୮୦୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ବିଶ୍ୱ ଯୋଗାସନ ପ୍ରତିଯୋଗିତାର ଖେଳାଳିମାନଙ୍କୁ ଆୟୁଷ ମନ୍ତ୍ରଣାଳୟର 'ଯୋଗ ୩୬୫' ଅଭିଯାନର ବିଶ୍ୱଦୂତ ହେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।
- ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସ୍ୱତନ୍ତ୍ର ବୈଦେଶିକ ନୀତିକୁ ପ୍ରଶଂସା କଲେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ।
- ଆଜି ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ।

ଏବଂ

- ପ୍ରକୃତି ଦ୍ୱାରା ଅନୁପ୍ରାଣିତ 'ଜଳବାୟୁ ପାଇଁ ଭବିଷ୍ୟତ ଲାଗି' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପରିବେଶ ଦିବସ ।

## ପିଏମ୍-ଗୁଜରାଟ-ଦମନଡ୍ୟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସୁରଟ ଏବଂ ଦମନ ଗସ୍ତ କରି ୧୮ ହଜାର ୮୦୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଶ୍ରୀ ମୋଦୀ ଦମନରେ ନମୋ ବିମାନ ବନ୍ଦରର ନୂତନ ଟର୍ମିନାଲ୍ କୋଠାର ଉଦ୍‌ଘାଟନ ସହ ନମୋ ହସ୍ପିଟାଲ୍‌କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ସେଠାରେ ପ୍ରଧାନମନ୍ତ୍ରୀ ୨ହଜାର ୯୭୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ହାଜିରା ଠାରେ ପ୍ରଧାନମନ୍ତ୍ରୀ ଶିଳ୍ପ ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ ଏକ ଜନସମାବେଶକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ସୁରଟରେ ରାସ୍ତା ସଂଯୋଗୀକରଣ, ବିଦ୍ୟୁତ୍ ଏବଂ ଶିଳ୍ପ କ୍ଷେତ୍ରରେ ୧୮ ହଜାର ୮୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ, ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଭଦୋଦରା-ମୁମ୍ବାଇ ଏକ୍ସପ୍ରେସ୍ ୱେର ଷଷ୍ଠ ଏବଂ ସପ୍ତମ ପ୍ୟାକେଜ୍‌କୁ ପ୍ରଧାନମନ୍ତ୍ରୀ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

ଦମନରେ ସ୍ୱାସ୍ଥ୍ୟସେବା, ବେସାମରିକ ବିମାନ ଚଳାଚଳ, ପର୍ଯ୍ୟଟନ, ଭିତ୍ତିଭୂମି ଓ ସଂଯୋଗୀକରଣ ପ୍ରକଳ୍ପର ଶ୍ରୀ ମୋଦୀ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଲାକ୍ଷାଦ୍ୱୀପ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ୮୮୫ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ଯୋଗାସନ ଚାମ୍ପିଅନ୍‌ସିପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବିଶ୍ୱ ଯୋଗାସନ ଚାମ୍ପିଅନସିପ୍'ରେ ଅଂଶଗ୍ରହଣ କରୁଥିବା ଖେଳାଳିମାନଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ଆୟୁଷ ମନ୍ତ୍ରଣାଳୟର 'ଯୋଗ ୩୬୫' ଅଭିଯାନର ବିଶ୍ୱ ଦୂତ ହେବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେ ଆୟୁଷ ମନ୍ତ୍ରଣାଳୟ ବର୍ଷସାରା ଯୋଗ ସହିତ ଜଡିତ ରହିବାକୁ ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ 'ଯୋଗ ୩୬୫' ଅଭିଯାନ ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ବିଶ୍ୱର ବିଭିନ୍ନ ସ୍ଥାନର ଖେଳାଳିମାନଙ୍କୁ ଚାମ୍ପିଅନସିପ୍ ବ୍ୟତୀତ ଯୋଗ ବିଷୟରେ ସଚେତନତା ପ୍ରସାର କରିବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି।

ଅହମ୍ମଦାବାଦରେ ପ୍ରଥମ ବିଶ୍ୱ ଯୋଗାସନ ଚାମ୍ପିଅନସିପ୍‌ରେ ୬୦ ରୁ ଅଧିକ ଦେଶରୁ ୪୦୦ ରୁ ଅଧିକ ପ୍ରତିଯୋଗୀଙ୍କ ଯୋଗଦାନ ବିଶ୍ୱକୁ

ଆକର୍ଷିତ କରିଛି । ଏହି କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଶ୍ରୀ ମୋଦୀ କହିଛନ୍ତି, ଯୋଗର ଆକର୍ଷଣ, ଶାରୀରିକ ସୁସ୍ଥତାଠାରୁ ଅଧିକ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟ ପାଇଁ ଏକ ବାସ୍ତବ ଆଭିମୁଖ୍ୟ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗ ଚାମ୍ପିଅନସିପ୍ ବିଶ୍ୱବ୍ୟାପୀ ଯୋଗର ବ୍ୟାପକ ବାର୍ତ୍ତା ପ୍ରସାର କରିବାର ସୁଯୋଗ ପ୍ରଦାନ କରିଛି ।

# ପିଏମ୍-ଆଡଭାଇଜରି

କ୍ୟାବିନେଟ ନିଯୁକ୍ତି କମିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବରେ ୧୯୮୭ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତରୁଣ କପୁରଙ୍କ କାର୍ଯ୍ୟକାଳକୁ ଗୋଟିଏ ବର୍ଷ ବୃଦ୍ଧି କରିବାକୁ ଅନୁମୋଦନ କରିଛି। କେନ୍ଦ୍ର କାର୍ମିକ ଏବଂ ତାଲିମ ବିଭାଗ ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶ୍ରୀ କପୁରଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଚଳିତ ମାସ ୧୦ ତାରିଖରୁ ଅଧିକ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ହେବ।

# ପୁଟିନ୍-ଇଣ୍ଡିଆ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନୂଆଦିଲ୍ଲୀ ସହିତ ମସ୍କୋର ରଣନୈତିକ ସହଭାଗୀତାକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଭାରତକୁ ରୁଷ ସହିତ ସହଯୋଗ ହ୍ରାସ କରିବାକୁ ବାଧ କରିବାର ପାଶ୍ଚାତ୍ୟ ଦେଶର ଉଦ୍ୟମ  ନିରର୍ଥକ ଏବଂ ବିଶ୍ୱ ସ୍ଥିରତା ପାଇଁ କ୍ଷତିକାରକ। ବିଶ୍ୱର ପ୍ରମୁଖ ସମ୍ବାଦ ସଂସ୍ଥା ମୁଖ୍ୟଙ୍କ ସହ ଆଲୋଚନା କାଳରେ ଶ୍ରୀ ପୁଟିନ୍ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଏହାର ସ୍ୱତନ୍ତ୍ର ବୈଦେଶିକ ନୀତିକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ରୁଷ ଭାରତ ସହ ଅର୍ଥନୈତିକ ସମ୍ପର୍କକୁ ବୃଦ୍ଧି କରିବାକୁ ପ୍ରତିବଦ୍ଧ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଅଗ୍ରଗତି ହାସଲ କରିଛି ।

ରୁଷ ରାଷ୍ଟ୍ରପତି କହିଛନ୍ତି, ଆମେରିକା ସହିତ ଭାରତର କୂଟନୈତିକ ସମ୍ପର୍କର ପ୍ରଭାବ ରୁଷ ସହ ଥିବା ସମ୍ପର୍କରେ ପ୍ରତିବନ୍ଧ ସୃଷ୍ଟି କରେ ନାହିଁ । ରୁଷ ଭାରତକୁ ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ବିବେଚନା କରେ ବୋଲି ରୁଷ ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି, ଭାରତ ଏକ ମହାନ ରାଷ୍ଟ୍ର ଓ ମହାନ ଗଣତନ୍ତ୍ର ଏବଂ ରୁଷ ଏହା ସହ ସମ୍ପର୍କ ବୃଦ୍ଧି କରିବା ଲାଗି ଉଦ୍ୟମ ଜାରି ରଖିବ ।

# ଆର୍‌ବିଆଇ-ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ ଆଜି ଦ୍ୱିମାସିକ ମୁଦ୍ରା ନୀତି ଘୋଷଣା କରିବ। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୀୟ ମାଲହୋତ୍ରା ଆଜି ସକାଳେ ମୁଦ୍ରା ନୀତି କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଘୋଷଣା କରିବେ।

ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍‌ର ଗବେଷଣା ରିପୋର୍ଟ ଅନୁଯାୟୀ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଅଶୋଧିତ ତୈଳ ମୂଲ୍ୟ, ଟଙ୍କା ମୂଲ୍ୟ ହ୍ରାସ ଏବଂ ଦୁର୍ବଳ ମୌସୁମୀ ପରିସ୍ଥିତି ଭଳି ଆହ୍ୱାନର ମୁକାବିଲା ପାଇଁ ରେପୋ ହାର ବୃଦ୍ଧି ନ ହେବାର ସମ୍ଭାବନା ରହିଛି । ଷ୍ଟେଟ୍ ବ୍ୟାଙ୍କ୍ ରିପୋର୍ଟ ଅନୁଯାୟୀ ପଶ୍ଚିମ ଏସିଆରେ ସୃଷ୍ଟ ଭୂରାଜନୈତିକ ପରିସ୍ଥିତି ଏବଂ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫିତିର ପ୍ରମୁଖ କାରଣ । ରିପୋର୍ଟ୍ ଅନୁଯାୟୀ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବା ଯୋଗୁଁ ମୁଦ୍ରାସ୍ଫୀତି ପ୍ରାୟ ୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

# ୱାର୍ଲ୍ଡ ବ୍ୟାଙ୍କ୍

କ୍ୟାବିନେଟର ନିଯୁକ୍ତି କମିଟି ନୀଳକଣ୍ଠ ମିଶ୍ରଙ୍କୁ ୱାଶିଂଟନ ଡିସିରେ ବିଶ୍ୱ ବ୍ୟାଙ୍କ ମୁଖ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ତିନି ବର୍ଷ ପାଇଁ ନିଯୁକ୍ତିକୁ ଅନୁମୋଦନ କରିଛି। କାର୍ମିକ ଏବଂ ତାଲିମ ବିଭାଗ ସୂଚନା

ଦେଇଛି ଯେ ନୂତନ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ପରମେଶ୍ୱରନ ଆୟରଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯାଇଛି ।

## ଜୟଶଙ୍କର-ୟୁକେ

ଭାରତ-ବ୍ରିଟେନ୍ ଦୃଷ୍ଟିକୋଣ ୨୦୩୫ ସମୀକ୍ଷା କରିବା ଉଦ୍ଦେଶ୍ୟରେ ଗତକାଲି ନୂଆଦିଲ୍ଲୀରେ ପ୍ରଥମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଏବଂ ବ୍ରିଟେନ୍‌ର ବୈଦେଶିକ ସଚିବ ୟେଭେଟ୍ କୁପର ବୈଠକରେ ଯୋଗଦେଇଥିଲେ । ଉଭୟ ନେତା ଅଭିବୃଦ୍ଧି, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ, ପ୍ରତିରକ୍ଷା ଏବଂ ସୁରକ୍ଷା, ଜଳବାୟୁ ଏବଂ ସ୍ୱଚ୍ଛ ଶକ୍ତି ଓ ଶିକ୍ଷା କ୍ଷେତ୍ରରେ ହୋଇଥିବା ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ।

ଉଭୟ ଦେଶ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମାକୁ ସ୍ୱାଗତ କରିବା ସହ ଭାରତ-ବ୍ରିଟେନ୍ କୃତ୍ରିମ ବୁଦ୍ଧିମତ୍ତା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ର ସମେତ ବିଭିନ୍ନ ପଦକ୍ଷେପର ପ୍ରଗତିରେ ସନ୍ତୋଷ ପ୍ରକାଶ କରିଥିଲେ। ଉଭୟ ନେତା ପ୍ରତିରକ୍ଷା, ସୁରକ୍ଷା, ଶିକ୍ଷା ଏବଂ ଜଳବାୟୁ ସହଭାଗୀତା କ୍ଷେତ୍ରରେ ହୋଇଥିବା ବିକାଶ କାର୍ଯ୍ୟକୁ ଆହୁରି ଆଗକୁ ନେବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

## କମର୍ସ୍-ୟୁଏସ୍ ଡେଲିଗେସନ୍

ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କିତ ଆଲୋଚନା ଲାଗି ଭାରତ ଆସିଥିବା ଆମେରିକାର ଏକ ବାଣିଜ୍ୟିକ ପ୍ରତିନିଧି ଦଳ ୪ ଦିନିଆ ଗସ୍ତ ଶେଷ କରିଛି । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ଗସ୍ତ ସମୟରେ ପ୍ରତିନିଧି ଦଳ ବାଣିଜ୍ୟିକ ସାମଗ୍ରୀ, ଅଣ-ଶୁଳ୍କ ପଦକ୍ଷେପ, ସୀମା ଶୁଳ୍କ, ଅର୍ଥନୈତିକ ସୁରକ୍ଷା ସମନ୍ୱୟ ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଉଭୟ ଦେଶ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି ।

## ଇ-ଗଭର୍ଣ୍ଣାନ୍ସ ନ୍ୟାସନାଲ ଆୱାର୍ଡସ

୨୯ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ-୨୦୨୬ ପୁରସ୍କାର ଘୋଷଣା କରାଯାଇଛି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ୍ ମନ୍ତ୍ରଣାଳୟ କହିଛି, ୭ଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଇ-ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ ତଥା ପ୍ରତିଷ୍ଠାନଗୁଡ଼ିକୁ ୧୭ଟି ପୁରସ୍କାର ପ୍ରଦାନ କରାଯିବ। ସେଥିମଧ୍ୟରେ ୧୦ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ଗୋଟିଏ ଜୁରି ପୁରସ୍କାର ଅନ୍ତର୍ଭୁକ୍ତ। ଦେଶବ୍ୟାପୀ ଇ-ପ୍ରଶାସନ ପଦକ୍ଷେପର ସଫଳ କାର୍ଯ୍ୟାନ୍ୱୟନରେ ସ୍ୱୀକୃତି ଏବଂ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି ପୁରସ୍କାର

ପ୍ରଦାନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ କହିଛି। ରାଜସ୍ଥାନର ଜୟପୁରଠାରେ ଆୟୋଜିତ ହେବାକୁ ଥିବା ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ।

## ପରିବେଶ ଦିବସ

ସାରା ବିଶ୍ୱରେ ପରିବେଶ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବରେ ୧୯୭୩ ମସିହାରୁ ପ୍ରତିବର୍ଷ  ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି ।

'ପ୍ରକୃତି ଦ୍ୱାରା ଅନୁପ୍ରାଣିତ-ଜଳବାୟୁ ପାଇଁ, ଆମର ଭବିଷ୍ୟତ ପାଇଁ' ବାର୍ତ୍ତା ନେଇ ଆଜି 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଉଛି। ପ୍ରକୃତି ଏବଂ ପୃଥିବୀକୁ ସୁରକ୍ଷା ଦେବା ପାଇଁ ସକାରାତ୍ମକ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଏହି ଦିବସର ଲକ୍ଷ୍ୟ । ବିଶ୍ୱ ପରିବେଶ ଦିବସ ଅବସରରେ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ଏବଂ ରାଜ୍ୟମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଏକ ପେଡ୍ ମା କେ ନାମ ଅଭିଯାନ ଅଧୀନରେ ଦିଲ୍ଲୀର ମୈଦାନଗଡ଼ିସ୍ଥିତ ନମୋ ଅକ୍ସିଜେନ୍ ପାର୍କରେ ଏକ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଅନେକ କେନ୍ଦ୍ର ମନ୍ତ୍ରୀ,

ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକ, ରାଜ୍ୟ ସ୍ତରରେ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରି ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଏକ ସ୍ଥାୟୀ ଓ ସୁରକ୍ଷିତ ଭବିଷ୍ୟତ ପାଇଁ ଦେଖାଦେଉଥିବା ଆହ୍ୱାନଗୁଡ଼ିକର ସମାଧାନ କରିବା ପାଇଁ ଆଜିର ଦିବସ ପ୍ରେରଣା ଯୋଗାଇଥାଏ ।

## ହକି-ଅଣ୍ଡର ୧୮

ଜାପାନର କାକାମିଗାହାରା ହକି ଷ୍ଟାଡିୟମରେ ଆଜି ୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି ପ୍ରତିଯୋଗିତାର ସେମିଫାଇନାଲରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ପୁଲ୍ ଏ'ରେ ନଅ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତ ଶେଷ ଚାରି ପର୍ଯ୍ୟାୟରେ ପ୍ରବେଶ କରିଛି। ଆୟୋଜକ ଜାପାନ ବିପକ୍ଷରେ ଏକମାତ୍ର ପରାଜୟ ପରେ ଭାରତ ଚାଇନିଜ୍ ତାଇପେଇକୁ ୧୩-୧ରେ ପରାସ୍ତ କରିଥିଲା। ଏହି ସେମିଫାଇନାଲ୍‌ର ବିଜେତା ଫାଇନାଲରେ ଜାପାନ୍ କିମ୍ବା ପୁଲ୍ ବି'ର ଶୀର୍ଷ ଦଳ ସହିତ ମୁକାବିଲା କରିବ।

ଅନ୍ୟ ପକ୍ଷରେ ୧୮ ବର୍ଷରୁ କମ୍ ମହିଳା ଏସିଆ କପରେ, ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହିବା ପରେ ସେମିଫାଇନାଲରେ ପହଞ୍ଚିଛି ଏବଂ ଆଜି ସକାଳ ୯ ଟା ୩୦ ମିନିଟ୍‌ରେ ଚୀନ୍ ବିପକ୍ଷରେ ମ୍ୟାଚ୍ ଖେଳିବ ।